# Akashvani, Sambalpur

## SAMBALPURI NEWS EVENING BULLETIN

**4 August 2024- 7.02 pm- 7.12 pm.**

**********************************************

୧- ନୂଆଁ ସର୍କାର୍ ଅନୁସୂଚିତ ଜାତି ଆଉ ଜନଜାତି ଲୁକ୍‌କର୍ ସର୍ବାଙ୍ଗୀନ ଉନ୍ନତିର୍ ଲାଗି କାମ୍ କରୁଛେ - କହେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୨- ହରଘର୍ ତ୍ରିରଙ୍ଗା ଅଭିଯାନ୍‌ଥି ସାମିଲ୍ ହେବାର୍‌କେ ଦେଶ୍‌ବାସୀଙ୍କୁ ନିବେଦନ୍ କରିଛନ୍ ଗୃହମନ୍ତ୍ରୀ ଅମିତ୍ ଶାହା ।

୩- ହୀରାକୁଦ୍ ଡେମ୍ ଲାଗି ଅଧିଗୃହିତ ହେଇକରି ବେଭାର୍ ନାଇଁ ହେଉଥିବାର୍ ଜମିକେ ରାଜସ୍ୱ ବିଭାଗ୍‌କେ ଫିରାବାର୍ ପ୍ରକ୍ରିୟା ହେବା ମୁଲ୍ ।

୪- ପୁରୀ ଶ୍ରୀମନ୍ଦିର୍ ନ ହେଲା ମାହାପୁରୁମାନ୍‌କର୍ ଚିତାଲାଗି ନୀତି ।

ଆଉର୍

୫- ଆଏଜ୍ ପାଳିତ୍ ହେଉଛେ ଓଡ଼ିଆ ସାମ୍ବାଦିକତା ଦିବସ୍ ।

ଜନଜାତି ମୋର୍ଚ୍ଚା- ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ନୂଆଁ ସର୍‌କାର୍ ଅନୁସୂଚିତ ଜାତି ଆଉ ଅନୁସୂଚିତ ଜନଜାତି ଲୁକ୍‌କର୍ ସର୍ବାଙ୍ଗୀନ୍ ଉନ୍ନତି ଲାଗି କାମ୍ କରୁଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ନ ଭାରତୀୟ ଜନତା ପାର୍ଟିର୍ ଅନୁସୂଚିତ ଜନଜାତି ମୋର୍ଚ୍ଚା ତର୍‌ଫୁ ନୂଆଁକରି ନିର୍ବାଚିତ୍ ହେଇଥିବା ବିଧାୟକ୍ ଆଉ ସାଂସଦ୍‌ମାନ୍‌କର୍ ସମ୍ବର୍ଦ୍ଧନା ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସେ କହିଛନ୍ ଯେ, ଅନୁସୂଚିତ ଜାତି ଆଉ ଅନୁସୂଚିତ ଜନଜାତି ବର୍ଗର୍ ଲୁକେ ସାମାଜିକ ଆଉ ଆର୍ଥିକ କ୍ଷେତ୍ରଥି ସମାନତା ନାଇଁପାଇପାରି । ହେଥିର୍‌ଲାଗି ସେମାନ୍‌କୁ ସଶକ୍ତ କର୍‌ବାର୍‌ଟା ଆମର୍ ଲକ୍ଷ୍ୟ ହେବାର୍ କଥା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ସମାରୋହଥି କେନ୍ଦ୍ର ଆଦିବାସୀ କଲ୍ୟାଣ୍ ମନ୍ତ୍ରୀ ଜୁଏଲ୍ ଓରାମ୍, ଭାରତୀୟ ଜନତା ପାର୍ଟିର୍ ରାଜ୍ୟ ସଭାପତି ମନମୋହନ୍ ସାମଲ୍ ଆର୍ ଜନଜାତି ମୋର୍ଚ୍ଚାର୍ ରାଜ୍ୟ ସଭାପତି ଆର୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଲୁକ୍‌କର୍ ଅଭିଯୋଗ୍ ଶୁନ୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଅଭିଯୋଗ୍ ଶୁଣାଣି ଲାଗି ଆଏବା କାଏଲ୍ ସଖାଲର୍ ୮ ନୁ ମଏଧାନର୍ ୧୨ ବଜେତକ୍ ପଞ୍ଜିକରଣ୍ କରାଯିବା । ଲୁକେ ସେନ୍‌କେ ପୁହୁଁଚିକରି ନିଜର୍ ଅଭିଯୋଗ୍ ପଞ୍ଜିକରଣ୍ କରେଇପାର୍‌ବେ ।

ହର୍ ଘର୍ ତ୍ରିରଙ୍ଗା ଆର୍‌ଏନ୍‌ୟୁ / ସମ୍ବଲପୁର

ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍‌ଥି ଆଏବା ୯ ନୁ ୧୫ ତାରିଖ୍‌ତକ୍ ନିଜର୍ ଘରେ ତ୍ରିରଙ୍ଗା ପତାକା ଉଡ଼ାବାର୍‌କେ ଗୃହମନ୍ତ୍ରୀ ଅମିତ୍ ଶାହା ଦେଶ୍‌ବାସୀଙ୍କୁ ନିବେଦନ୍ କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ସେ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ଗଲା ୨ ବଛ୍‌ରେ ଗୁଟେ ଜାତୀୟ ଆନ୍ଦୋଲନ୍ ହେଇପାରିଛେ ଆଉ ଦେଶର୍ କୁନା କୁନାଥି ଫି’ ଭାରତୀୟଙ୍କର୍ ଭିତ୍‌ରେ ଏକତାକେ ଜାଗ୍ରତ୍ କରିଛେ । ନିଜର୍ ଘରେ ଉଡ଼େଇଥିବା ତ୍ରିରଙ୍ଗା ସାଙ୍ଗେ ସେଲ୍‌ଫି ନେଇକରି ହର୍‌ଘର୍ ତ୍ରିରଙ୍ଗା ୱେବ୍‌ସାଇଟ୍

harghartiranga.com ଥି ଅପ୍‌ଲୋଡ୍ କର୍‌ବାର୍‌କେ ଗୃହମନ୍ତ୍ରୀ ଶ୍ରୀ ଶାହା ଦେଶ୍‌ବାସୀଙ୍କୁ ନିବେଦନ୍ କରିଛନ୍ ।

ହୀରାକୁଦ୍ ଡେମ୍-ରାଜସ୍ୱ ମନ୍ତ୍ରୀଙ୍କର ସମୀକ୍ଷା

ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଡେମ୍ ତିଆର୍ ହେବାର୍ ସମିଆଥି ଅଧିଗୃହିତ ହେଇକରି ବେଭାର୍ ନାଇଁ ହେଉଥିବାର୍ ଜମିକେ ରାଜସ୍ୱ ବିଭାଗ୍‌କେ ଫିରାବାର୍ ପ୍ରକ୍ରିୟା ମୁଲ୍ ହେବା ଆଉ ହେଟା ଗରିବ୍ କଲ୍ୟାଣ୍ ଯୋଜ୍‌ନାଥି ଗରିବ୍‌ମାନ୍‌କୁ ଘରଡିହ ଆକାରେ ବଂଟାଯିବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଆଏଜ୍ ଅଶୋକ୍ ନିବାସ୍ ନ ଜଲ୍‌ସମ୍ପଦ୍ ବିଭାଗ୍ ଆଉ ସମ୍ବଲ୍‌ପୁର୍ ଆଉ ଝାର୍‌ସୁଗୁଡ଼ା ଜିଲ୍ଲା ପ୍ରଶାସନ୍‌ର ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ଗୁଟେ ସମୀକ୍ଷା ବୈଠକ୍ କରିକରି ମନ୍ତ୍ରୀ ଶ୍ରୀ ପୂଜାରୀ ହୀରାକୁଦ୍ ଡେମ୍‌କେ ବର୍ଜ୍ୟବସ୍ତୁ ଛାଡୁଥିବା କମ୍ପାନୀମାନ୍‌କର୍ ଉପ୍‌ରେ କାର୍ଯ୍ୟାନୁଷ୍ଠାନ୍ କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସଙ୍ଗେ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ୬ ଶହ ୩୨ ଫୁଟ୍ ନୁ ୬

ଶହ ୩୪ ଫୁଟ୍ ଭିତ୍‌ରେ ଥିବା ଚାଷ୍‌ଜମିର୍ ପଟ୍ଟା ଦେବାର୍ ପ୍ରକ୍ରିୟା ଜାରି ରହିଛେ ବଲି ସେ କହିଛନ୍ ।

(ଭଏସ୍ ଓଭର୍- ମନ୍ତ୍ରୀ ସୁରେଶ୍ ପୂଜାରୀ)

ସମୀକ୍ଷା ବୈଠକ୍‌ଥି ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଳ ପରିଚାଲନା ଆର୍ ବନ୍ୟା ନିୟନ୍ତ୍ରଣ୍ ସମ୍ବଲ୍‌ପୁର୍ ସହରର୍ ସ୍ଲୁଇସ୍ ଗେଟ୍ ଆର୍ ପମ୍ପିଂ ଷ୍ଟେସନ୍ ମାନ୍‌କର୍ ଥିତି ବାବ୍‌ଦେ ଆଲୋଚନା କରାଯାଇଥିଲା ।

ମୋଟର୍ ଯାନ ଆଇନ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବେଆଇନ୍ ଭାବେ ଚାଲୁଥିବା ଗାଡ଼ିମାନ୍‌କର୍ ଉପ୍‌ରେ ମୋଟର୍ ଯାନ ଆଇନ୍ ଅନ୍‌ସାରେ କାର୍ଯ୍ୟାନୁଷ୍ଠାନ୍ ହେବା ବଲି ରାଜ୍ୟ ପରିବହନ୍ ପ୍ରାଧିକରଣ୍ ତର୍‌ଫୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ହେଥିର୍‌ଲାଗି ସାରା ରାଏଜେ ସ୍ୱତନ୍ତ୍ର ଦଲ୍ ଗଠନ୍ କରିକରି ଅଭିଯାନ୍ ହେବା । ଟିକସ୍ ଜମା ନାଇଁ କରିଥିବା ଗାଡ଼ି ମାଲିକ୍‌ମାନେ ଥର୍‌କେ ବକେୟା ଟିକସ୍ ଜମା କରିକରି ଜରିମାନାନୁ ପୁରା ଛାଡ଼୍ ପାଏବାର୍ ଲାଭ୍ ନେବାର୍‌କେ ବିଭାଗ୍ ତର୍‌ଫୁ କୁହାଯାଇଛେ । ସେନ୍ତା ଗାଡ଼ିର୍ ବୀମା ଟଙ୍କା ଭିଲ୍ ବିନା ଜରିମାନାଥି ଥର୍‌କେ ଜମା କର୍‌ବାର୍‌କେ ଗାଡ଼ି ମାଲିକ୍‌ମାନ୍‌କୁ ପରାମର୍ଶ ଦିଆଯାଇଛେ ।

ଚିତାଲାଗି ଅମାବାସ୍ୟା ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଶ୍ରାବଣ୍ ମାସର୍ ଉଆଁସ୍ ତିଥି ଥି ଶ୍ରୀଜୀଉମାନ୍କର୍ ଚିତାଲାଗି ନୀତି ହେଇଯାଇଛେ । ଦଇତାପତି ସେବକ୍ମାନେ ଶ୍ରୀମନ୍ଦିର୍ର ପ୍ରଥମ ଭୋଗମଣ୍ଡପ୍ ଉତ୍ରୁ ଭଁଡ଼ାର୍ ଘରେ ରଖାଯାଇଥିବା ରତ୍ନ ଚିତା ଆନିକରି ଶ୍ରୀବିଗ୍ରହମାନ୍କର୍ ଶ୍ରୀମସ୍ତକ୍ ନ ଲାଗି କରିଥିଲେ । ତାର୍ ଉତ୍ରୁ ମାହାପୁରୁମାନ୍କର୍ ମହାସ୍ନାନ ବେଶ ଆର୍ ସନ୍ଧ୍ୟା ଆଲ୍ତୀ ନୀତି ହେଇଥିଲା । ଜେଠ୍ ପୁନି ତିଥିଥି ମାହାପୁରୁମାନେ ସ୍ନାନମଣ୍ଡପ୍କେ ଯିବାର୍ ବେଲେ ସେବକମାନେ ଶ୍ରୀମସ୍ତକ୍ନୁ ଚିତା ବାହାର୍ କରିଥିସନ୍ ଆଉ ଶ୍ରାବଣ୍ ଉଆଁସ୍ ଦିନ ମାହାପୁରୁମାନ୍କୁ ଫେର୍ ଚିତାଲାଗି କରାଯାଏସି । ଚିତାଲାଗି ନୀତିର୍ ଲାଗି ଆଏଜ୍ ଦିହିପହରର୍ ୨ ବଜୁ ସଙ୍ଗର୍ ୬ ବଜାତକ୍ ମନ୍ଦିର୍ ନ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ଥିଲା ।

ଓଡ଼ିଆ ସାମ୍ବାଦିକତା ଦିବସ ଆର୍ଏନ୍ୟୁ/ କଟକ୍

୧୮୬୬ ମସିହା ଆଝିର୍ ଦିନେ ବାହାରିଥିଲା ଓଡ଼ିଶାର୍ ପହେଲା ସମ୍ବାଦପତ୍ର ଉତ୍କଳ ଦୀପିକା । ଓଡ଼ିଶାର୍ ଜନଜୀବନ୍କେ ବାଟ୍ କଢ଼ାବାର୍ଥି ଉତ୍କଳ ଦୀପିକାର୍ ଅବଦାନ୍କେ ସୋର୍ କରିକରି ଆଝିର୍ ଦିନ୍କେ ଓଡ଼ିଆ ସାମ୍ବାଦିକତା ଦିବସ୍

ଭାବେ ପାଲନ୍ କରାଯାଉଛେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସବୁ ସାମ୍ବାଦିକ୍ ଭାଏବହେନ୍‌ଙ୍କୁ ଶୁଭେଚ୍ଛା ଆର୍ ଅଭିନନ୍ଦନ୍ ଜନାବାର୍ ସଙ୍ଗେ ଗଣତନ୍ତ୍ରର୍ ଚତୁର୍ଥ ସ୍ତମ୍ଭ ଭାବେ ଗଣତନ୍ତ୍ରର୍ ମୂଲ୍ୟବୋଧକେ ବଜାୟ ରଖ୍‌ବାର୍‌ଥି ସାମ୍ବାଦିକ୍‌ମାନ୍‌କର୍ ଅବଦାନ୍ ଅତୁଲନୀୟ ବଲି କହିଛନ୍ । ସେନ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଓଡ଼ିଆ ସାମ୍ବାଦିକତା ଦିବସ୍ ଅବ୍ସରେ ଶୁଭେଚ୍ଛା ଜନାବାର୍ ସଙ୍ଗେ ଓଡ଼ିଆ ଭାଷା, ସାହିତ୍ୟ, ଅସ୍ମିତାର୍ ସୁରକ୍ଷା, ପ୍ରଚାର୍ ପ୍ରସାର୍ ଆର୍ ସାମାଜିକ୍ ଆଉ ରାଜନୈତିକ ପ୍ରସଙ୍ଗ ବାଗିର୍ ଭିନ୍ ଭିନ୍ କ୍ଷେତ୍ର ନ ସମ୍ବାଦପତ୍ରର୍ ଭୂମିକା ସବୁବେଲେ ସ୍ୱତନ୍ତ୍ର ଆଏ ବଲି କହିଛନ୍ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍‌ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଭିଲ୍ ଓଡ଼ିଆ ସାମ୍ବାଦିକତା ଦିବସ୍ ଅବ୍ସରେ ରାଜ୍ୟର୍ ସାମ୍ବାଦିକ୍‌ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଓଡ଼ିଆ ସାମ୍ବାଦିକତା ଦିବସ-୧ ସମ୍ବଲପୁର ସମ୍ବାଦଦାତା

ଭାରତୀୟ ପେଶାଦାର୍ ସାମ୍ବାଦିକ୍ ମହାସଂଘ ଆଉ ଉତ୍କଳ ସାମ୍ବାଦିକ୍ ସଂଘ ସାଙ୍ଗେ ଅନୁବନ୍ଧିତ ସମ୍ବଲ୍‌ପୁର୍ ଜିଲ୍ଲା ସାମ୍ବାଦିକ୍ ସଂଘ ତର୍‌ଫୁ ଆଏଜ୍ ଓଡ଼ିଆ ସାମ୍ବାଦିକତା ଦିବସ୍ ପାଲନ୍ କରାଯାଇଛେ । ସାମ୍ବାଦିକ୍ ଭବନ୍ ନ ସଂଘର୍

ସଭାପତି ସୁଭାଷ ଚନ୍ଦ୍ର ପାଣିଗ୍ରାହୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସଭାଥି ବରିଷ୍ଠ ସାମ୍ବାଦିକ୍ ଅର୍ଜୁନ୍ ରଞ୍ଜନ୍ ପଣ୍ଡା ମୁଖ୍ୟଅତିଥି ଆଉ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟର୍ ଇତିହାସ୍ ବିଭାଗ୍ର ଆସିଷ୍ଟାଂଟ୍ ପ୍ରଫେସର୍ ଡକ୍ଟର୍ ସନ୍ତୋଷ କୁମାର୍ ମଲ୍ଲିକ୍ ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇଥିଲେ ।

ଭାରତୀୟ ପୁରୁଷ ହକି ଦଲ-ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ହି.ସ.

ପେରିସ୍ ଅଲମ୍ପିକ୍ସର ସେମିଫାଇନାଲ୍ ନ ପୁହୁଁଚିଥିବାର୍ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭାରତୀୟ ପୁରୁଷ ହକି ଦଲ୍କେ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶୁଭେଚ୍ଛା ଜନେଇଛନ୍ । ଭାରତୀୟ ପୁରୁଷ ହକି ଦଲ୍ର ବିଜୟ ଯାତ୍ରା ଆଗ୍କେ ଜାରି ରହୁ ବଲି ଜଗନ୍ନାଥ ମାହାପୁରୁଙ୍କର୍ ଠାନେ ପ୍ରାର୍ଥନା କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ତାଙ୍କର୍ ପୋଷ୍ଟ୍ଥି ଲେଖିଛନ୍ ।

ନନ୍ଦିନୀ ଶତପଥୀ-ଶ୍ରାଦ୍ଧବାର୍ଷିକୀ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶାର୍ ପହେଲା ମହିଳା ମୁଖ୍ୟମନ୍ତ୍ରୀ ଆର୍ ସାହିତ୍ୟିକା ନନ୍ଦିନୀ ଶତପଥୀଙ୍କର୍ ଆଏଜ୍ ହେଉଛେ ଶ୍ରାଦ୍ଧବାର୍ଷିକୀ ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍ୱର୍ଗୀୟା ଶତପଥୀଙ୍କର୍

ସୁର୍‌ତା କର୍‌ବାର୍ ସଙ୍ଗେ ଓଡ଼ିଶାର୍ ପ୍ରଗତି ଆର୍ ଓଡ଼ିଆ ସାହିତ୍ୟ ଜଗତ୍‌କେ କୃତିର୍ ଲାଗି ସେ ସବୁଦିନ ସୋର୍ ରହେବେ ବଲି କହିଛନ୍ । ସେନ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ଆଘର୍ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସଙ୍ଗେ କଲା, ସାହିତ୍ୟ, ସାମ୍ବାଦିକତା ଆର୍ ରାଜନୈତିକ୍ କ୍ଷେତ୍ରକେ ଅସାଧାରଣ ଅବଦାନ୍ ଲାଗି ସେ ସବୁଦିନ ସୋର୍ ରହେବେ ବଲି କହିଛନ୍ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍         ସମ୍ବଲ୍‌ପୁର୍ ସମ୍ବାଦଦାତା

ମହାନଦୀର୍ ଉପର୍‌ମୁଡ଼େ ବର୍ଷା ବଢୁଛେ । ହେଥିର୍‌ଲାଗି ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୧୪ ଟା ଗେଟ୍ ଦେଇକରି ମହାନଦୀକେ ପାଏନ୍ ଛଡ଼ାଯାଉଛେ । ଡେମ୍ କଂଟ୍ରୋଲ୍ ରୁମ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏଜ୍ ସଞ୍ଜ୍‌ବେଲା ୬ ବଜେତକ୍ ଡେମ୍‌ର ଜଲ୍‌ସ୍ତର୍ ୬ ଶହ ୯ ଦଶ୍‌ମିକ୍ ୭/୧ ଫୁଟ୍ ଅଛେ । ଜଲ୍‌ଭଣ୍ଡାର୍‌କେ ଫି' ସେକେଣ୍ଡ୍‌ଥି ୨ ଲାଖ୍ ୩୫ ହଜାର୍ ୬ ଶହ ୬୦ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୧୪ ଟା ଗେଟ୍, ପାୱାର୍‌ଚେନାଲ୍ ଆର୍ କେନାଲ୍ ଦେଇକରି ଫି' ସେକେଣ୍ଡ୍‌ଥି ମୋଟ୍ ୨ ଲାଖ୍ ୪୨ ହଜାର୍ ୪ ଶହ ୬୮ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।

ସେଆଡ଼େ ରାଏଜେ ଏଛେନ୍ ବଢ଼ିର୍ ଥିତି ନାଇଁନ ବଲି ଜଲ୍‌ସମ୍ପଦ୍ ବିଭାଗ୍‌ର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ୍ ମହାନ୍ତି କହିଛନ୍ ।

ଜିଲ୍ଲାସ୍ତରୀୟ ହାକାଥନ୍ ପ୍ରତିଯୋଗିତା ବୌଦ୍ଧ

ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବୀରନରସିଂପୁର୍ ନ ଥିବା ସାଧୁଚରଣ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନ ଶିକ୍ଷା ବିଭାଗ୍ ତର୍ଫୁ ଜିଲ୍ଲାସ୍ତରୀୟ ହାକାଥନ୍ ପ୍ରତିଯୋଗିତା ହେଇଯାଇଛେ । ହେଥି ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ । ପ୍ରତିଯୋଗିତାର୍ ଉଦ୍‌ଯାପନୀ ସମାରୋହଥି ଜିଲ୍ଲାର୍ ଶିକ୍ଷା ଅଧିକାରୀ ଗେନ୍ଦ୍‌ରା କୁଜୁର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କୃତୀ ପ୍ରତିଯୋଗୀମାନ୍‌କୁ ପୁରସ୍କୃତ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ଲାଗି ରହିଛେ । ଆଏବା କାଏଲ୍ ସଖାଲର୍ ସାଢ଼େ ୮ ବଜେତକ୍ ପର୍ଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ନୂଆପଡ଼ା, କଲାହାଣ୍ଡି, ବଲାଙ୍ଗିର୍ ଆର୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ କେତେ ଜାଗା ନ ସାମାନ୍ୟ ନୁ ମଧମ୍

ଧରଣ୍‌ର ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।